
# ସତ୍ୟପ୍ରକାଶ

# THE WORD OF TRUTH



**SEPTEMBER & OCTOBER - 2009**

**An Oriya Bimonthly Bulletin**
**Published by the Church of Christ**

# THE VOICE OF TRUTH


Edited & Published By

Joshua & Kabita Gootam.


# CHURCH OF CHRIST


P.O.Box.No.80, Kakinada

A.P.- 533 001.

Ph: 0884 - 2363722.



**Vol. 14. Sep & Oct- 2009. No-5.**

Published every two months in Oriya language for the Restoration of pure New Testment Christanity.



Hear **SATYA VANI** Oriya Radio Programme on
Radio Srilanka
Every Sunday at 6:45 a.m.

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box.80, Kakinada - 533 001

# ସତ୍ୟବାଣୀ

# VOICE OF TRUTH

VOL - XIV KAKINADA SEP-OCT-2009

## ଉପାସକ

## (The Worshipper)

ପରମେଶ୍ୱରଙ୍କ ସୃଷ୍ଟ ସମସ୍ତ ଜୀବନରାଶିରୁ କେବଳ ମନୁଷ୍ୟ ସୃଷ୍ଟିକର୍ତ୍ତାଙ୍କର ଉପାସନା କରେ । କାରଣ ପରମେଶ୍ୱର ମନୁଷ୍ୟକୁ ଶରୀର, ଆତ୍ମା, ଜ୍ଞାନ ଦ୍ୱାରା ଗଢ଼ିଲେ । ସ୍ୱଜ୍ଞାନ ଦ୍ୱାରା ସେ ଆପଣା ଗମନ ନିର୍ଣ୍ଣୟ କରିବାରେ ସକ୍ଷମ ପ୍ରାଣୀ । ସୃଷ୍ଟିକର୍ତ୍ତାଙ୍କୁ ଉପାସନା କରିବା କିଅବା ନ କରିବା ତାହାର ସ୍ୱେଚ୍ଛାଧିନ । କିନ୍ତୁ ମନୁଷ୍ୟ ପରମେଶ୍ୱରଙ୍କ ଉପାସନା କରିବାରେ ହିଁ ତାହାର ମଙ୍ଗଳ ।

ମୁଖ୍ୟତଃ ମନୁଷ୍ୟ ଏକ ଉପାସକ । ଆଦି କାଳରୁ ମନୁଷ୍ୟ ବିଭିନ୍ନ ବସ୍ତୁ ସମ୍ମୁଖରେ ତଥା ବିଭିନ୍ନ ମୂର୍ତ୍ତି, ସୂର୍ଯ୍ୟ, ଚନ୍ଦ୍ର ସମ୍ମୁଖରେ ଆପଣା ମସ୍ତକ ନତ କରି ଆସୁଅଛି । ମନୁଷ୍ୟର ଏହିପରି ଉପାସନା ପରମେଶ୍ୱରଙ୍କ ତୁଷ୍ଟିଜନକ ନୁହେଁ । କାରଣ ମନୁଷ୍ୟ ଆପଣା ସୃଷ୍ଟିକର୍ତ୍ତାଙ୍କୁ ପାଶୋରି ନିର୍ଜୀବ ବସ୍ତୁମାନଙ୍କ ସମ୍ମୁଖରେ ଆପଣାକୁ ନତ କରିଥାଏ ।

ଯୀଶୁ କହିଲେ, "କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି । ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ । କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ" (ଯୋହନ ୪:୨୩-୨୪) । କେବଳ ଉପାସନା ଯଥେଷ୍ଟ ନୁହେଁ । କିନ୍ତୁ ସତ୍ୟ ଓ ଅତ୍ମାର ଉପାସନା ପ୍ରଭୁଙ୍କ ଗ୍ରାହ୍ୟ ଯୋଗ୍ୟ ଅଟେ ।

**୧) ସତ୍ୟ ଓ ଜୀବନ୍ତ ଈଶ୍ୱରଙ୍କୁ ମହିମାନ୍ୱିତ କରିବା** - ସୃଷ୍ଟି, ସୃଷ୍ଟିକର୍ତ୍ତାଙ୍କ ଅସ୍ତିତ୍ୱ ପ୍ରମାଣିତ କରେ, କାରଣ ସୃଷ୍ଟିକର୍ତ୍ତା ବିନୁ ସୃଷ୍ଟି ଅସମ୍ଭବ । ଆଦି ୧:୧ ପଦଗୁଡ଼ିକ ଅନୁଯାୟୀ ଆମ୍ଭମାନଙ୍କ ପିତା ପରମେଶ୍ୱର ହିଁ ଏହି ବିଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି ।

୨) ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ପିତା ପରମେଶ୍ୱର ମନୁଷ୍ୟର ପାଳନୀୟ ଆଜ୍ଞାବଳୀ ତାହାଙ୍କ ଲିଖିତ ପୁସ୍ତକ ବାଇବଲରେ ସୁସ୍ପଷ୍ଟ କରନ୍ତି । ଆମ୍ଭେମାନେ ଯେପରି ସେଥିର ଲିଖିତ ବାକ୍ୟ ସବୁ ବିଶ୍ୱାସ କରି, ପ୍ରଭୁ ଯୀଶୁଙ୍କ ନାମରେ ପରିତ୍ରାଣ ପାଇପାରୁ ଏଥି ନିମନ୍ତେ ଲିଖିତ ହୋଇଅଛି ବୋଲି ପ୍ରେରିତ ଯୋହନ ଆପଣା ଲିଖିତ ସୁସମାଚାରରେ ଆମ୍ଭମାନଙ୍କୁ ଜଣାଇ ଅଛନ୍ତି (ଯୋହନ ୨୦:୩୦,୩୧) ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ (୧ମ ତୀମଥି ୩:୧୬,୧୭) ।

୩) ଯଦି ମନୁଷ୍ୟର ପାଳନ ଆବଶ୍ୟକ ଆଜ୍ଞାବଳୀ ବାଇବଲରେ ଲିଖିତ ହୋଇଅଛି, ତେବେ ତାହା ପାଳନ କରିବା ମନୁଷ୍ୟର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ଖ୍ରୀଷ୍ଟ, ସମସ୍ତ ଦେଶ, ସମସ୍ତ ଜାତି ଓ ସମସ୍ତ ଭାଷାବାଦୀ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରିତମାନଙ୍କୁ ଆଜ୍ଞା ଦେଇଥିଲେ (ମାର୍କ ୧୬:୧୫,୧୬) । ଧାର୍ମିକତା ନିମନ୍ତେ କ୍ଷୁଧିତ ଓ ତୃଷିତ ଲୋକେ ପରିତୃପ୍ତ ହେବେ (ମାଥିଉ ୫:୬) । ''ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ'' (ଯୋହନ ୧:୧୨) ।

୪) ଈଶ୍ୱରଙ୍କ ବାକ୍ୟ ଶ୍ରବଣ ଓ ପଠନ ଦ୍ୱାରା ହୃଦୟରେ ବିଶ୍ୱାସ ଜାତ ହୁଏ (ରୋମୀୟ ୧୦:୧୭) । ବିଶ୍ୱାସ ଓ ଜ୍ଞାନ ପ୍ରାପ୍ତ ହୋଇ ତାହାଙ୍କ ଆଜ୍ଞା ପାଳନ କଲେ ମନୁଷ୍ୟ ପ୍ରଭୁଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହୁଏ (ପ୍ରେରିତ ୨:୩୮, ପ୍ରେରିତ ୧୭:୩୦, ଏବ୍ରୀ ୧୧:୬) ।

୫) ବାକ୍ୟର ଆଜ୍ଞାବହ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଏ (ପ୍ରେରିତ ୨:୪୭, ପ୍ରେରିତ ୧୧:୨୬) ।

୬) ତାହାଙ୍କ ଆଜ୍ଞା ପାଳନ କରି ତାହାଙ୍କ ଗ୍ରାହ୍ୟ ଯୋଗ୍ୟ ଉପାସନା ଅର୍ପଣ କରିପାରୁ । ବାକ୍ୟ କହେ,''ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କ ଇଚ୍ଛା ସାଧନ କରେ, ତାହାହେଲେ ସେ ତା'ର କଥା ଶୁଣନ୍ତି'' (ଯୋହନ ୯:୩୧) । ଏହି ବାକ୍ୟରେ ପ୍ରଭୁ ଆମ୍ଭମାନଙ୍କ ପ୍ରାର୍ଥନା ଶୁଣିବା ନିମନ୍ତେ ଦୁଇଟି ସର୍ତ୍ତ ରଖିଅଛନ୍ତି : (୧) ତାହାଙ୍କ ଉପାସନା (୨) ତାହାଙ୍କ ବାକ୍ୟ ପାଳନକାରୀ । ତାହାଙ୍କ ଇଚ୍ଛା ପାଳନ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ସହିତ ସୁସମ୍ବନ୍ଧ ରଖିଥାଉଁ ।

୭)ମଣ୍ଡଳୀର ସଭ୍ୟ ହୋଇଥିବା ପ୍ରତ୍ୟେକ ଖ୍ରୀଷ୍ଟିୟାନ ତାହାଙ୍କ ଆତ୍ମା ଓ ସତ୍ୟରେ ଉପାସନା କରିବା ଆବଶ୍ୟକ । କାରଣ ସେପରି ଉପାସନା ତାହାଙ୍କ ଗ୍ରାହ୍ୟଯୋଗ୍ୟ ଅଟେ । ବିନୟ, ଭକ୍ତ ଓ ସତ୍ୟ ହୃଦୟରୁ ଜାତ ଉପାସନା ପ୍ରଭୁଙ୍କ ସନ୍ତୋଷଦାୟକ ଓ ଆମ୍ଭମାନଙ୍କ ଜୀବନ ନିମନ୍ତେ ଆଶୀଷଦାୟକ । ଏତଦ୍‌ବ୍ୟତୀତ ମନୁଷ୍ୟର ଉପାସନା ନିଷ୍ଫଳ ଓ ବୃଥା । ଦ୍ୱିତୀୟରେ ଆମ୍ଭମାନଙ୍କ ଉପାସନା ସତ୍ୟ ଉପାସନା ହେବା ଆବଶ୍ୟକ । ପ୍ରଭୁଙ୍କ ବାକ୍ୟ ହିଁ ସତ୍ୟ ଅଟେ । ତେଣୁ ଯେଉଁ ଉପାସନା ତାହାଙ୍କ ବାକ୍ୟାନୁଯାୟୀ ଅଟେ ତାହା ହିଁ ସତ୍ୟ ଉପାସନା ଅଟେ । ଗୀତ ଗାଇବା, ବାକ୍ୟ ଧ୍ୟାନ, ପ୍ରାର୍ଥନା, ପ୍ରଭୁ ଭୋଜରେ ଭାଗୀ ହେବା ଓ ଚାନ୍ଦା ଦେବା ସତ୍ୟ ଉପାସନାର ମୁଖ୍ୟ ଅଂଶ । ମନୁଷ୍ୟ ଆଚରଣରେ ଯେତେ ଭଦ୍ର ହେଲେ ହେଁ, ଅସତ୍ୟ ଉପାସନା ପରମେଶ୍ୱରଙ୍କ ଗ୍ରାହ୍ୟ ଯୋଗ୍ୟ ହୁଏ ନାହିଁ । ତାହାଙ୍କ ସନ୍ତୋଷଜନକ ଉପାସନା ପଦ୍ଧତି ସେ ବ୍ୟକ୍ତ କରିଅଛନ୍ତି ତାହା ବିନୁ ଅନ୍ୟ ପଦ୍ଧତି ତାହାଙ୍କ ଗ୍ରାହ୍ୟ ଯୋଗ୍ୟ ନୁହେଁ ।

୮) ଖ୍ରୀଷ୍ଟିୟାନ ଜୀବନରେ ଖ୍ରୀଷ୍ଟିୟ ସହଭାଗିତାର ଏକ ଗୁରୁତର ପ୍ରଭାବ ରହିଥାଏ । ପ୍ରକୃତ ଖ୍ରୀଷ୍ଟିୟାନ ସତ୍ୟ ସହଭାଗିତା ରହିତ ହୋଇ ସତ୍ୟ ଉପାସନା କରିବା ଅସମ୍ଭବ । ଖ୍ରୀଷ୍ଟିୟାନମାନେ ଅସତ୍ୟ ଉପାସନାରେ ଯୋଗ ଦେଇ ସତ୍ୟ ଉପାସନା କିପରି କରିପାରିବେ ? ପାଉଲ କହନ୍ତି, ''ଅନ୍ଧକାରର ନିଷ୍ଫଳ କର୍ମସବୁର ସହଭାଗୀ ହୁଅନାହିଁ, ବରଂ ସେ ସବୁର ଦୋଷ ହିଁ ଦେଖାଇ ଦିଅ (ଏଫିସୀ ୫:୧୧) । ଅସତ୍ୟ ଶିକ୍ଷକ ବିଷୟରେ ଯୋହନ କହନ୍ତି, ''କାରଣ ଯେ କେହି ତାହାକୁ ସମ୍ବର୍ଦ୍ଧନା ଜଣାଏ, ସେ ତାହାର ଦୁଷ୍କର୍ମର ସହଭାଗୀ ହୁଏ'' (୨ ଯୋହନ ୧୧) । ଶୁଦ୍ଧ ହୃଦୟ, ପବିତ୍ର ଶରୀର ଓ ନମ୍ର ଆତ୍ମା ପ୍ରଭୁଙ୍କ ଗ୍ରାହ୍ୟଯୋଗ୍ୟ ।

ଆପଣ କେଉଁ ପ୍ରକାର ଉପାସକ ଅଟନ୍ତି ? ଆପଣ କେବେ ଓ କେତେଥର ପ୍ରଭୁଙ୍କ ଉପାସନା କରନ୍ତି ? ଆପଣ କାହାର ଉପାସକ ଅଟନ୍ତି ? ସତ୍ୟ ଉପାସକ ଅଳ୍ପ ମାତ୍ର । ଅଧିକାଂଶ ଲୋକେ ଅବସ୍ତୁର କିଅବା ଅସତ୍ୟର ଉପାସକ ଅଟନ୍ତି । ଆସ ଆମ୍ଭେମାନେ ସତ୍ୟ ପରମେଶ୍ୱରଙ୍କ ସତ୍ୟ ରୂପେ ଉପାସନା କରି, ସତ୍ୟ ଉପାସକ ହୋଇ ତାହାଙ୍କ ଦତ୍ତ ସକଳ ଆଶୀଷର ସହଭାଗୀ ହେଉଁ ।

*- J.C. Choate*

❋❋❋

# ଟାବୀଥା
## (Tabitha)

ଟାବୀଥା ନାମର ଅର୍ଥ ଦର୍କା ବା ହରିଣୀ । ସେ ଯାଫୋ ନଗରବାସୀ ଥିଲେ । ସେ ଜଣେ ଶିଷ୍ୟା ବା ଖ୍ରୀଷ୍ଟିୟାନ ଯେ ନାନା ସତ୍‌କର୍ମ ଓ ଦାନ କ୍ରିୟାରେ ପୂର୍ଣ୍ଣ ଥିଲେ ବୋଲି ଧର୍ମଶାସ୍ତ୍ର ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଏ । ସେ ବାହ୍ୟିକ ଭାବେ କିପରି ଥିଲେ ବାକ୍ୟ ବର୍ଣ୍ଣନା କରେ ନାହିଁ କିନ୍ତୁ ସେ ପବିତ୍ରତାର ସୌନ୍ଦର୍ଯ୍ୟରେ ସୌନ୍ଦର୍ଯ୍ୟା ଥିଲେ । ସେ ପୀଡ଼ିତା ହୋଇ ପ୍ରାଣତ୍ୟାଗ କରିବାରୁ ମଣ୍ଡଳୀର ସଭ୍ୟମାନେ ଲୂଦ ନାମକ ନଗରରୁ ପ୍ରେରିତ ପିତରଙ୍କୁ ଲୋକ ପଠାଇ ଡକାଇଲେ । ଲୂଦ, ଯାଫୋର ନିକଟବର୍ତ୍ତୀ ଥିଲା । ଟାବୀଥାଙ୍କ ଗୃହକୁ ପିତର ଆସନ୍ତେ, ସେଠାରେ ଉପସ୍ଥିତ ବିଧବାମାନେ ସମସ୍ତେ ତାହାଙ୍କୁ ଘେରି ବିଳାପ କରୁ କରୁ ଟାବୀଥା ସେମାନଙ୍କ ସାଙ୍ଗରେ ଥିବା ସମୟରେ ଯେଉଁସବୁ ଅଙ୍ଗରଖା ଓ ବସ୍ତ୍ରଗୁଡ଼ିକ ବନାଇଥିଲେ, ସେହିସବୁ ଦେଖାଇବାକୁ ଲାଗିଲେ । କିନ୍ତୁ ପିତର ସମସ୍ତଙ୍କୁ ବାହାର କରିଦେଇ ଆଣ୍ଠୁ ମାଡ଼ି ପ୍ରାର୍ଥନା କଲେ ପୁଣି ଶବ ଆଡ଼କୁ ବୁଲିପଡ଼ି କହିଲେ ଟାବୀଥା ଉଠ । ସେଥିରେ ସେ ଆଖିମେଲା କଲେ, ଆଉ ପିତରଙ୍କୁ ଦେଖି ଉଠି ବସିଲେ ପୁଣି ସେ ହାତ ଦେଇ ତାହାଙ୍କୁ ଉଠାଇଲେ ଏବଂ ସାଧୁମାନଙ୍କୁ ଓ ବିଧବାମାନଙ୍କୁ ଡାକି ତାହାଙ୍କୁ ଜୀବିତ ଦେଖାଇଲେ ।

ଏହିକଥା ଯାଫୋର ସବୁଆଡ଼େ ଜଣାପଡ଼ିଲା ଓ ଅନେକ ପ୍ରଭୁଙ୍କ ଠାରେ ବିଶ୍ୱାସ କଲେ, (ପ୍ରେରିତ ୯:୩୯-୪୨) ଆପଣା ସତ୍‌କର୍ମ ଓ ଦାନକ୍ରିୟା ହେତୁ, ମୃତ ଟାବୀଥା ପୁନଃଜୀବିତ ହୋଇଥିଲେ । 'ସତ୍‌କର୍ମ' ଅର୍ଥାତ୍ ଅନ୍ୟମାନଙ୍କୁ ମଙ୍ଗଳ ନିମନ୍ତେ ଆମ୍ଭେମାନେ ଯେଉଁ କର୍ମ କରିଥାଉ । କାଇସରୀଆ ନଗରର କର୍ଣ୍ଣଲୀୟଙ୍କ ଦାନଧର୍ମର ବିବରଣ ଓ ତାହାଙ୍କ ପ୍ରାର୍ଥନା ପରମେଶ୍ୱରଙ୍କ ନିକଟ ସ୍ମରଣାର୍ଥେ ବଳି ସ୍ୱରୂପେ ଈଶ୍ୱରଙ୍କ ଛାମୁରେ ଉପସ୍ଥିତ ହୋଇଥିଲା (ପ୍ରେରିତ ୧୦:୧-୪) ।

ସଦାପ୍ରଭୁ ପରମେଶ୍ୱର ସମସ୍ତଙ୍କ ଉପକାରୀ । ସେ ଦୁଷ୍ଟ ଓ ସନ୍ଥ ଉଭୟଙ୍କ ଉପରେ ଆପଣା ସୂର୍ଯ୍ୟ ଉଦୟ କରାନ୍ତି । ପୁଣି ଧାର୍ମିକ ଓ ଅଧାର୍ମିକ ମାନଙ୍କ ଉପରେ ବୃଷ୍ଟି ବର୍ଷାନ୍ତି । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିବା ସମୟରେ "......ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ

ସର୍ବତ୍ର ଭ୍ରମଣ କଲେ....'' (ପ୍ରେରିତ ୧୦:୩୮)

''କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟଯୀଶୁଙ୍କ ଠାରେ ସୃଷ୍ଟ'' (ଏଫିସୀ ୨:୧୦)। ପ୍ରଭୁଯୀଶୁ ଯେଉଁଦିନ ସ୍ୱ-ମହିମା ସହିତ ଏହି ଜଗତରେ ଆଗମନ କରିବେ ଆପଣା ଗୌରବମୟ ସିଂହାସନରେ ଉପବେଶନ କରି ସମସ୍ତ ଜାତିକୁ ବିଚାର କରିବେ, ସେହିଦିନ ଆପଣା ଦକ୍ଷିଣ ହସ୍ତସ୍ଥିତ ସତ୍‌କର୍ମକାରୀମାନଙ୍କୁ କହିବେ,''ଆସ ମୋହର ପିତାଙ୍କ ଆଶୀର୍ବାଦ ପ୍ରାପ୍ତ ମାନେ, ତୁମ୍ଭମାନଙ୍କ ନିମନ୍ତେ ଜଗତର ପତ୍ତନାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି ସେଥିରେ ଅଧିକାରୀ ହୁଅ........'' (ମାଥିଉ ୨୫:୩୧-୪୬)। ପ୍ରଭୁଙ୍କ ଶିଷ୍ୟମାନଙ୍କୁ ଗିନାଏ ଥଣ୍ଡାପାଣି ପିଇବାକୁ ଦେବା ଲୋକେ ମଧ୍ୟ କୌଣସି ପ୍ରକାର ଆପଣା ପୁରସ୍କାର ହରାଇବ ନାହିଁ।'' (ମାଥିଉ ୧୦:୪୨)

ପ୍ରେରିତ ପାଉଲ ଆପଣା ପ୍ରତ୍ୟେକ ପତ୍ରିକାରେ ପ୍ରତ୍ୟେକ ମଣ୍ଡଳୀକୁ ସତ୍‌କ୍ରିୟାରେ ପ୍ରାଧାନ୍ୟତା ଜଣାଇ ଦେଇଅଛନ୍ତି ''......ଯେ ଦାନ କରେ, ସେ ଉଦାର ଭାବରେ ଦାନ କରୁ.... ଯେ ଦୟା କରେ ସେ ହୃଷ୍ଟଚିତ୍ତରେ ତାହା କରୁ..... ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କରୁ।'' (ରୋମୀୟ ୧୨:୭–୨୧), ''ଆସ ଆମ୍ଭମାନଙ୍କର ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀର ନିଷ୍ଠା ନିମନ୍ତେ ମଙ୍ଗଳସାଧନ କରି ତାହାର ସୁଖ ଚେଷ୍ଟା କରୁ'' (ରୋମୀୟ ୧୫:୨)। ''.....ମାତ୍ର ପ୍ରତ୍ୟେକ ଜଣ ଅନ୍ୟର ମଙ୍ଗଳ ଚେଷ୍ଟା କରୁ'' (୧ମ କରିନ୍ଥୀ ୧୦:୨୩)। ''ଯେ ମୁକ୍ତ ହସ୍ତରେ ବିତରଣ କରିଅଛି, ସେ ଦରିଦ୍ରମାନଙ୍କୁ ଦାନ ଦେଇଅଛି, ତାହାର ଧାର୍ମିକତା ଚିରକାଳସ୍ଥାୟୀ।'' ''.....ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବହୁ ଧନ୍ୟବାଦ ଉଚ୍ଛୁଳି ଉଠୁଅଛି।'' (୨ମ କରିନ୍ଥୀ ୯:୯–୧୩)। ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା, ............ ଏ ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ,.......ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନ ହେଉ, କାରଣ କ୍ଲାନ୍ତ ନୋହିଲ ଉପଯୁକ୍ତ ସମୟରେ ଶସ୍ୟ କାଟିବା। ଅତଏବ ସୁଯୋଗ ଅନୁସାରେ ସମସ୍ତଙ୍କର ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁ। (ଗାଲାତୀ ୬:୧୦) ଟାବୀଥା ଆତ୍ମାଙ୍କ ଫଳ ପ୍ରଦର୍ଶନ କଲେ ଖ୍ରୀଷ୍ଟିୟ ପରିବାରଭୁକ୍ତ ବିଶ୍ୱାସୀ ମାନଙ୍କର ମଙ୍ଗଳସାଧନ କରିଥିଲେ। ସାଧୁମାନଙ୍କ ଅଭାବ ମୋଚନ କରିବା, ଦାନ ଦେବା ଈଶ୍ୱରଙ୍କ ନିକଟରେ ତୁଷ୍ଟିଜନକ

ସୁଗନ୍ଧ ନୈବେଦ୍ୟ ଓ ସୁଗ୍ରାହ୍ୟ ବଳୀ (ଫିଲିପ ୯:୧୯)'' । ଆତ୍ମିକ ଜ୍ଞାନ ଓ [illegible]ରେ ପ୍ରଭୁଙ୍କୁ ସର୍ବ ପ୍ରକାରରେ ସନ୍ତୁଷ୍ଟ କରିବା ନିମନ୍ତେ, ଈଶ୍ୱରଙ୍କ ତତ୍ତ୍ୱ ଜ୍ଞାନରେ ବଢ଼ି ସମସ୍ତ ସତ୍‌କର୍ମରେ ଫଳାଫଳ ହେବାକୁ, ପ୍ରେରିତ ପାଉଲ କଲସୀ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ଲେଖନ୍ତି । (କଲସୀ ୧:୧୦) ସର୍ବଦା ପରସ୍ପରର ଓ ସମସ୍ତଙ୍କର ମଙ୍ଗଳ ଚେଷ୍ଟା କରିବାକୁ ଓ ସତ୍କର୍ମ କରିବାରେ କ୍ଳାନ୍ତ ନ ହେବାକୁ ସେ ଥେସଲନୀକୀ ମଣ୍ଡଳୀର ଉଭୟ ପତ୍ରରେ ଲେଖିଅଛନ୍ତି । (୧ମ ଥେସ ୫:୧୫ ଓ ୨ ଥେସଲନୀକୀ ୩:୧୩) । ଖ୍ରୀଷ୍ଟିୟାନମାନେ ଯେପରି ଲୋଭୀ ନ ହୋଇ, ''.....ପରୋପକାର କରି ସତ୍କର୍ମରେ ଧନୀ ହୁଅନ୍ତି, ଆଉ ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି'' ଏଥି ନିମନ୍ତେ ପାଉଲ ତୀମଥିଙ୍କୁ ଆଜ୍ଞା ଦେବା ନିମନ୍ତେ ଲେଖିଥିଲେ । (୧ମ ତୀମଥି ୬:୧୮) । ସ୍ତ୍ରୀମାନେ ବାହ୍ୟ ଅଳଙ୍କାରରେ ଆସକ୍ତ ନ ହୋଇ ସତ୍କର୍ମ ରୂପ ଅଳଙ୍କାରରେ ଭୂଷିତ ହେବା ନିମନ୍ତେ ପାଉଲ ଆଜ୍ଞାପିତ କରି ଅଛନ୍ତି । (୧ମ ତୀମଥି ୨:୧୦)

ସତ୍‌କର୍ମରେ ବ୍ରତୀ ବିଧବାମାନଙ୍କ ନାମ ମଣ୍ଡଳୀର ବିଧବା ତାଲିକାରେ ଲେଖିବା ନିମନ୍ତେ ସେ ତୀମଥିଙ୍କୁ ଆଜ୍ଞା ଦେଇଥିଲେ । (୧ମ ତୀମଥି ୨:୧୦ ଓ ୫:୧୦) । ଈଶ୍ୱର ନିଃଶ୍ୱସିତ ଧର୍ମଶାସ୍ତ୍ର ଦ୍ୱାରା ଖ୍ରୀଷ୍ଟିୟାନ ଶିକ୍ଷା, ଅନୁଯୋଗ, ସଂଶୋଧନ ଶାସନ ପାଇ ସିଦ୍ଧ ହୋଇ ସତ୍‌କର୍ମ ନିମନ୍ତେ ସୁସଜ୍ଜିତ ହୁଏ । (୨ ତୀମଥି ୩:୧୭) ''ସତ୍‌କର୍ମରେ ବ୍ୟାପୃତ ଲୋକେ ଫଳହୀନ ହୁଅନ୍ତି ନାହିଁ । (ତିତସ ୩:୧୪) ପରୋପକାର ଓ ଦାନ ରୂପ ବଳରେ ଈଶ୍ୱରଙ୍କର ପରମ ସନ୍ତୋଷ (ଏବ୍ରୀ ୧୩:୧୬) ପରମେଶ୍ୱରଙ୍କ ପରମ ସନ୍ତୋଷ ବଳି ଦେବାରେ ଟାବୀଥା ଅବହେଳା କରି ନଥିଲେ । ଯେହେତୁ ଯେ ସତ୍କର୍ମ କରିବାକୁ ଜାଣି ତାହା କରେନାହିଁ ତାହାର ପାପ ହୁଏ । '' (ଯାକୁବ ୪:୧୭) ଆମ୍ଭମାନଙ୍କ ନିନ୍ଦାକାରୀମାନେ ଶେଷଦିନରେ ଆମ୍ଭମାନଙ୍କର ସତ୍କର୍ମ ଯୋଗୁଁ ଈଶ୍ୱରଙ୍କ ଗୌରବ କରିବେ । କାରଣ ଆମ୍ଭେମାନେ ସତ୍କର୍ମ କରି ନିର୍ବୋଧମାନଙ୍କ ଅଜ୍ଞାନର କଥା ବନ୍ଦ କରିପାରୁ । (୧ମ ପିତର ୨:୧୨ ଓ ୧୫ ପଦ) ଆମ୍ଭମାନଙ୍କ ସତ୍କର୍ମ ରୂପ ଆଲୋକ ପ୍ରକାଶିତ ହେଲେ ସ୍ୱର୍ଗସ୍ଥ ପିତା ମହିମା ପାଆନ୍ତି । (ମାଥିଉ ୫:୧୬) ଈଶ୍ୱରଙ୍କ ଇଚ୍ଛାନୁଯାୟୀ ଯେଉଁମାନେ ଦୁଃଖ ଭୋଗ କରୁଅଛନ୍ତି ସେମାନଙ୍କୁ ପିତର କହନ୍ତି, ''.....ସେମାନେ ବିଶ୍ୱସ୍ତ ସୃଷ୍ଟିକର୍ତ୍ତାଙ୍କର ହସ୍ତରେ ଆପଣା ଆପଣା ଆତ୍ମାକୁ ସମର୍ପଣ କରି ସତ୍‌କାର୍ଯ୍ୟରେ ନିବିଷ୍ଟ ରହନ୍ତୁ ।'' (୧ମ ପିତର ୪:୧୯) ପ୍ରେରିତ ଯୋହନ ପ୍ରିୟତମ ଗାୟଙ୍କ ନିକଟକୁ ଲେଖିଥିବା

ତ୍ରରେ କହନ୍ତି,"ପ୍ରିୟ ବନ୍ଧୁ, ତୁମ୍ଭେ ଦୁଷ୍କର୍ମର ଅନୁକାରୀ ନ ହୋଇ ସତ୍କର୍ମର ଅନୁକାରୀ ହୁଅ, ଯେ ସତ୍କର୍ମ କରେ ସେ ଈଶ୍ୱରଙ୍କ ଠାରୁ ଜାତ, ଯେ ଦୁଷ୍କର୍ମ କରେ ସେ ଈଶ୍ୱରଙ୍କୁ ଦର୍ଶନ କରିନାହିଁ ।" **(୩ୟ ଯୋହନ ୧୧ ପଦ)**

ନୂତନ ନିୟମର ପୃଷ୍ଠାମାନଙ୍କ ପ୍ରାୟ ୩୦-୩୨ ପଦଗୁଡ଼ିକ ସତ୍କର୍ମର ଆବଶ୍ୟକତା ଓ ପ୍ରାଧାନ୍ୟତା ବିଷୟରେ କୁହାଯାଇଅଛି; ସତ୍‌କର୍ମକୁ ଆତ୍ମାର ଫଳ, ସୁଗନ୍ଧି ନୈବେଦ୍ୟ ସୁଗ୍ରାହ୍ୟ ବଳୀ, ଅଳଙ୍କାର, ସିଦ୍ଧତାର ଚିହ୍ନ, ଈଶ୍ୱରଙ୍କ ଗୌରବର କାରଣ, ଈଶ୍ୱରଙ୍କ ଠାରୁ ଜାତ ଓ ସ୍ୱର୍ଗୀୟ ଧନ ରୂପେ ବର୍ଣ୍ଣନା କରାଯାଇଅଛି । ଯୀଶୁ କହିଲେ," ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ, ଏବଂ ଚୋରମାନେ ସିନ୍ଧି କାଟି ଚୋରୀ ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର; କାରଣ ଯେଉଁଠାରେ ତୁମ୍ଭର ଧନ ସେହିଠାରେ ମଧ୍ୟ ତୁମ୍ଭର ମନ ।" (ମାଥିଉ ୬:୧୯-୨୦) । "ଟାବୀଥା ସତ୍‌କର୍ମ କରି ଆପଣା ନିମନ୍ତେ, ସ୍ୱର୍ଗରେ ଧନ ସଞ୍ଚୟ କରିଥିଲେ ।" ଯେ ଦରିଦ୍ରକୁ ଦୟା କରେ ସେ ସଦାପ୍ରଭୁଙ୍କୁ ଋଣ ଦିଏ, ପୁଣି ସେ ଉତ୍ତମ କର୍ମର ପରିଶୋଧ କରିବେ ।" (ହିତ ୧୯:୧୭) ଟାବୀଥା ଯାପୋର ବିଧବାମାନଙ୍କୁ ସାହାଯ୍ୟ କରି ସଦାପ୍ରଭୁଙ୍କୁ ଋଣ ଦେଇଥିଲେ । ଅନ୍ୟମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଦାନ ଦେବା ନିମନ୍ତେ ପରୋପକାର କରିବା ନିମନ୍ତେ ଦୟାଳୁ ହୃଦୟ ଆବଶ୍ୟକ । ଆମ୍ଭମାନଙ୍କ ପିତା ପରମେଶ୍ୱର ଆମ୍ଭମାନଙ୍କୁ ଦୟା ରୂପ ମୁକୁଟରେ ଭୂଷିତ କରନ୍ତି । ପିତା ଆପଣା ସନ୍ତାନମାନଙ୍କ ପ୍ରତି ଦୟା ବହିବା ପରି, ସେ ଆମ୍ଭମାନଙ୍କ ପ୍ରତି ଦୟା ବହନ୍ତି । ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ (ଗୀତ ୧୦୩:୪, ୧୩,୧୭ ପଦ) "ସଦାପ୍ରଭୁଙ୍କ ଧନ୍ୟବାଦ କର, କାରଣ ସେ ମଙ୍ଗଳମୟ, ତାହାଙ୍କ ଦୟା ଅନନ୍ତକାଳ ସ୍ଥାୟୀ....." (ଗୀତ ୧୩୬ ପର୍ବ) ଆମ୍ଭମାନଙ୍କ ତ୍ରାଣକର୍ତ୍ତା ମଙ୍ଗଳମୟ ଅଟନ୍ତି । (୧ମ ପିତର ୨:୧) ତାହାଙ୍କ ଅନୁଗାମୀ ଜନସମୂହ ପ୍ରତି ସେ ଦୟାରେ ବିଗଳିତ ହୋଇ ସେମାନଙ୍କୁ ସୁସ୍ଥ କରୁଥିଲେ । ଶିକ୍ଷା ଦେଉଥିଲେ ଓ ଖାଦ୍ୟ ପରିବେଷଣ କରୁଥିଲେ । (ମାଥିଉ ୯:୩୬, ୨୦:୩୪, ମାର୍କ ୧:୪୧, ୬:୩୪ ଓ ଲୂକ ୯:୧୨) ଦୟାଳୁ ପ୍ରଭୁ ଯୀଶୁ ଆମ୍ଭମାନଙ୍କ ପ୍ରତି ଦୟାବହି, ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶରେ ହତ ହୋଇଥିଲେ । ଲୂକରେ ଲିଖିତ ସୁସମାଚାରରେ ବର୍ଣ୍ଣିତ ଉତ୍ତମ ଶମିରୋଣୀୟ ଲୋକ, ଡକାଇତ ହାବୁଡ଼ରେ କ୍ଷତବିକ୍ଷତ ହୋଇ ରାସ୍ତାରେ ପଡ଼ିଥିବା ଲୋକଙ୍କ ପ୍ରତି ଦୟାରେ ବିଗଳିତ ହୋଇ କ୍ଷତସବୁରେ ତୈଳ ଓ ଦ୍ରାକ୍ଷାରସ ଦେଇ ଆପଣା ବାହନରେ

ବସାଇ ପାନ୍ଥଶାଳାକୁ ନେଇ ସେବାଶୁଶ୍ରୂଷା କରିଥିଲେ । (ଲୂକ ୧୦:୩୦-୩୬) "....ଯେଉଁ ଜନ ଦରିଦ୍ରକୁ ଦୟା କରେ, ସେ ଧନ୍ୟ (ହିତ ୧୪:୨୧) ଶମୀରୋଣୀୟ ଲୋକ କ୍ଷତବିକ୍ଷତ ବ୍ୟକ୍ତି ପ୍ରତି ଦାୟା ବହିଥିଲେ । ହୃଦୟରେ ଦୟାଭାବ ନ ଥିଲେ, ପରୋପକାର କରି ନ ପାରୁ । ଟାବୀଥା ଯାଫୋ ନଗରର ବିଧବାମାନଙ୍କ ପ୍ରତି ଦୟା ବହି ସାହାଯ୍ୟ କରୁଥିଲେ । ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଯେପରି ଦୟାଳୁ ତୁମ୍ଭେମାନେ ସେହିପରି ଦୟାଳୁ ହୁଅ । (ଲୂକ ୬:୩୬)" ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ (ପ୍ରଭୁ ଯୀଶୁ) ଅନନ୍ତଜୀବନ ପ୍ରଦାନ କରିବେ । (ରୋମୀୟ ୨:୬) ଆସ ଟାବୀଥାଙ୍କ ସଦୃଶ୍ୟ ଗୌରବ, ସମ୍ମାନ, ଅମରତା ଅନ୍ୱେଷଣ କରି ଅନନ୍ତଜୀବନ ପ୍ରାପ୍ତି ନିମନ୍ତେ ଉତ୍ତମ କର୍ମ କରିବାରେ ନିବିଷ୍ଟ ରହୁ । ଯୋହନ ୫:୨୮, ୨୯ରେ କୁହାଯାଏ, "ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ପୁନଃରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁତ୍ଥାନ ନିମନ୍ତେ ବାହାର ହୋଇ ଆସିବେ ଏପରି ସମୟ ଆସୁଅଛି ।" ଜୀବନର ପୁନଃରୁତ୍ଥାନରେ ଭାଗୀ ହେବାକୁ ଇଚ୍ଛୁକ ପ୍ରତ୍ୟେକ ସତ୍‌କର୍ମରେ ନିବିଷ୍ଟ ରହୁ ।

***- Kabita Gootam***

# ପତିତ ଘରଚଟିଆ

## (The Fallen Sparrow)

"ଦୁଇଟି ଘରଚଟିଆ କଅଣ ଗୋଟିଏ ପଇସାରେ ବିକା ଯାଆନ୍ତି ନାହିଁ ? ଆଉ, ତୁମ୍ଭମାନଙ୍କର ପିତାଙ୍କର ଅନୁମତି ବିନା ସେମାନଙ୍କ ମଧ୍ୟରୁ ଗୋଟିଏ ହେଲେ ତଳେ ପଡ଼େ ନାହିଁ, କିନ୍ତୁ ତୁମ୍ଭମାନଙ୍କ ମସ୍ତକର ସମସ୍ତ କେଶ ହିଁ ଗଣାଯାଇଅଛି । ଏଣୁ ଭୟ କର ନାହିଁ, ତୁମ୍ଭେମାନେ ଅନେକ ଘରଚଟିଆ ଠାରୁ ଶ୍ରେଷ୍ଠ ।" (ମାଥିଉ ୧୦:୨୯-୩୧) ଏହି ପଦଦ୍ୱୟ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତାଙ୍କର ସାନ୍ତ୍ୱନାଦାୟକ ସ୍ୱଭାବ ପ୍ରକଟ କରେ ।

ଆପଣା ଶିଷ୍ୟମାନଙ୍କ ହୃଦୟରେ ଥିବା ଭୟ [illegible] ର [illegible] ବିଶ୍ୱାସର ଆଶ୍ୱାସନା ଦେବା ନିମନ୍ତେ, ଯୀଶୁଖ୍ରୀଷ୍ଟ [illegible] ଲେ । [illegible] ମାନ [illegible] ପିତା ପରମେଶ୍ୱର ଆମ୍ଭମାନଙ୍କୁ ଏପରି ଆଶ୍ୱସନା ଦେଇଥାନ୍ତି, ଯେପରି ଅ [illegible] ମାନେ ଦୁର୍ଦ୍ଦଶା ସମୟରେ ବିଚଳିତ ନ ହେଉ, କାରଣ ବାକ୍ୟ କହେ, "କାରଣ [illegible] ରିକ ଭାବ ମୃତ୍ୟୁଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତିଦାୟକ ।" (ରୋମୀୟ [illegible] ୬)

**ପରମେଶ୍ୱରଙ୍କ ସ୍ଥିତି ଓ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଚିନ୍ତା ଆମ୍ଭମାନଙ୍କୁ ଆଶ୍ୱାସନା ଦିଏ :** ପରମେଶ୍ୱର ଆମ୍ଭମାନଙ୍କୁ ବ୍ୟକ୍ତିଗତ ଭାବେ ଜାଣନ୍ତି । ସେ ଆମ୍ଭମାନଙ୍କ ଉନ୍ନତି ନିମନ୍ତେ ସଦା ଲାଳାୟିତ ଅଟନ୍ତି । ଦାଉଦ କହିଲେ, "ମୁଁ ଦରିଦ୍ର ଓ ଦୀନହୀନ, ତଥାପି ପ୍ରଭୁ ମୋ ବିଷୟରେ ଚିନ୍ତା କରନ୍ତି ।" (ଗୀତ ୪୦:୧୭)

ଜଣେ ଖ୍ରୀଷ୍ଟିୟାନ ଯୁବକ ଯେ କି ଏକ ସଂଘାତିକ ରୋଗରେ ରୋଗାକ୍ରାନ୍ତ ଥିଲେ, ସେ କହିଲେ, "ସଦାପ୍ରଭୁ ବିଶ୍ୱ ଚଳାଇବାରେ ବ୍ୟସ୍ତ ରହି ମୋ ବିଷୟରେ ଚିନ୍ତା କରିବାକୁ ତାହାଙ୍କ ସମୟ ନ ଥିବ, କିନ୍ତୁ ମୋର ଏହି ଦୁର୍ଦ୍ଦଶା ସମୟରେ ସଦାପ୍ରଭୁ ମୋ' ନିମନ୍ତେ ଚିନ୍ତା କରନ୍ତି ବୋଲି ମୁଁ ଅନୁଭବ କରୁଅଛି ।"

ସଦାପ୍ରଭୁଙ୍କ ସହ ବ୍ୟକ୍ତିଗତ ସମ୍ବନ୍ଧ ବିଷୟରେ ନୂତନ ନିୟମରେ କୁହାଯାଏ, "........ଆମ୍ଭେ ସେମାନଙ୍କ ଈଶ୍ୱର ହେବା, ଆଉ ସେମାନେ ଆମ୍ଭର ଲୋକ ହେବେ ।" (୨ କରିନ୍ଥୀ ୬:୧୬) । ସଦାପ୍ରଭୁ ଆମ୍ଭମାନଙ୍କୁ "ଆମ୍ଭର ଲୋକ" ବୋଲି କହନ୍ତି । କେତେ ଆଶ୍ଚର୍ଯ୍ୟଜନକ ବିଷୟ ! କେତେ ଆଶ୍ୱାସନାର ବାକ୍ୟ । ସେ ଆମ୍ଭମାନଙ୍କ ଶାରିରୀକ ପ୍ରୟୋଜନତା, ପ୍ରକୃତି ଦ୍ୱାରା ପୂରଣ କରନ୍ତି । (ଗୀତ ୧୦୪) । ନିଶ୍ଚିତ ଭାବେ, ଯେଉଁ ପରମେଶ୍ୱର ପତିତ ଘରଚଟିଆ ବିଷୟରେ ଜ୍ଞାତ ଅଟନ୍ତି, ସେ ଆପଣା ସନ୍ତାନମାନଙ୍କ ନିମନ୍ତେ କି ଚିନ୍ତା କରିବେ ନାହିଁ ?

**ପରମେଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି :** "କାରଣ ଧାର୍ମିକମାନଙ୍କ ପ୍ରତି ପ୍ରଭୁଙ୍କ ଦୃଷ୍ଟି ଅଛି, ସେମାନଙ୍କ ବିନତି ପ୍ରତି ତାହାଙ୍କ କର୍ଣ୍ଣ ଉନ୍ମୁକ୍ତ ଅଟେ । କିନ୍ତୁ ପ୍ରଭୁଙ୍କର ମୁଖ ଦୁଷ୍କର୍ମକାରୀମାନଙ୍କ ପ୍ରତିକୂଳ ।" (୧ମ ପିତର ୩:୧୨) ତାହାଙ୍କ କୋମଳ, ଦୟାସ୍ୱଭାବ, ଆମ୍ଭମାନଙ୍କ ପ୍ରତି ତାହାଙ୍କ ଚିନ୍ତା, ଆମ୍ଭମାନଙ୍କୁ ତାହାଙ୍କ ନିକଟବର୍ତ୍ତୀ କରାଏ । ".....ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟସାଧନ କରିପାରେ ।" (ଯାକୁବ ୫:୧୨) ବୋଲି କି ଆପଣ ବିଶ୍ୱାସ କରନ୍ତି ? ଆମ୍ଭମାନଙ୍କ

ପ୍ରତି ସହାନୁଭୂତି ଦେଖାଇବାକୁ ସମର୍ଥ, ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ଆମ୍ଭମାନଙ୍କ ବିନତି ଶୁଣି, ଆମ୍ଭମାନଙ୍କୁ ସମସ୍ୟାର ସମାଧାନ କରିବା ନିମନ୍ତେ ସଦାପ୍ରସ୍ତୁତ ଅଟନ୍ତି (ଏବ୍ରୀ ୪:୧୫, ୧୬)

ପରମେଶ୍ୱର ଆମ୍ଭର ପଥ ପ୍ରଦର୍ଶକ : ମନୁଷ୍ୟମାନେ ଦୁର୍ବଳ, ଅଜ୍ଞ ଓ ଆପଣା ପଥ ନିର୍ଣ୍ଣୟ କରିବାରେ ଅସମର୍ଥ । ଜୀବନର ପ୍ରତ୍ୟେକ ସମସ୍ୟାକୁ ମନୁଷ୍ୟ ଆପେ ଆପେ ସମାଧାନ କରିପାରେ ନାହିଁ । ନାସ୍ତିକମାନେ ଅହଂକାର ଯୋଗୁଁ ପରମେଶ୍ୱରଙ୍କୁ କିଅବା ମନୁଷ୍ୟମାନଙ୍କୁ ଭ୍ରୂକ୍ଷେପ କରନ୍ତି ନାହିଁ । କିନ୍ତୁ ଆପଣା ସନ୍ତାନ ବା ଆପଣା ପରିବାର କୌଣସି ସଦସ୍ୟ ଦୁର୍ଦ୍ଦଶା ସମୟରେ ସେମାନଙ୍କ ଗର୍ବ ଖର୍ବ ହୁଏ ।

ଅଜଣା ଭବିଷ୍ୟତ ସର୍ବଶକ୍ତିମାନ ପରମେଶ୍ୱରଙ୍କ ବଶ, ଏହା ଆମ୍ଭମାନଙ୍କ ଆଶ୍ୱାସନା ଅଟେ । ଏହି ଆଶ୍ୱାସନା କେବଳ ତାହାଙ୍କ ସନ୍ତାନମାନଙ୍କୁ ପ୍ରଦତ୍ତ ହୋଇଅଛି । "ସଦାପ୍ରଭୁଙ୍କ ଦ୍ୱାରା ମନୁଷ୍ୟର ଗତି ସ୍ଥିରୀକୃତ ହୁଏ ।" (ଗୀତ ୩୭:୨୩) "ତୁମ୍ଭେ ସର୍ବାନ୍ତକରଣ ସହିତ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କର ଓ ନିଜ ସୁବିବେଚନାରେ ଆଉଜି ପଡ଼ ନାହିଁ । ଆପଣା ସବୁ ଗତିରେ ତାହାଙ୍କୁ ସ୍ୱୀକାର କର, ତହିଁରେ ସେ ତୁମ୍ଭର ପଥ ସବୁ ସରଳ କରିବେ ।" (ହିତ ୩:୫, ୬) । ଆମ୍ଭମାନଙ୍କ ନିମନ୍ତେ ଭବିଷ୍ୟତରେ କଅଣ ସାଇତି ରଖାଯାଇଅଛି ଆମ୍ଭେ ଜାଣୁ ନାହିଁ, କିନ୍ତୁ ଯାହାଙ୍କ ବଶରେ ଆମ୍ଭମାନଙ୍କ ଭବିଷ୍ୟତ ଅଛି, ତାହାଙ୍କୁ ନିଶ୍ଚିତ ଭାବେ ଜାଣୁ ।

ସମୟେ ସମୟେ ଆମ୍ଭେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର କାରଣ ବୁଝି ନ ପାରୁ । କିନ୍ତୁ "ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କ ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ ।" (ରୋମୀୟ ୮:୨୮)

ଆମ୍ଭମାନଙ୍କ ଭାର ବହନର ଆଶ୍ୱାସନା : ଖ୍ରୀଷ୍ଟିୟାନମାନେ କୌଣସି ଦୁଃଖ, କ୍ଳେଶ ଅନୁଭବ କରିବେ ନାହିଁ ବୋଲି ପ୍ରତିଜ୍ଞାତ ନୁଅନ୍ତି, ବରଂ ଦୁଃଖ, କ୍ଳେଶ ସମୟରେ ପରମେଶ୍ୱର ସାହାଯ୍ୟ କରିବେ ବୋଲି ପ୍ରତିଜ୍ଞାତ ଅଟନ୍ତି । "ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।" (୧ମ ପିତର ୫:୭) "ତୁମ୍ଭେ ସଦାପ୍ରଭୁଙ୍କ ଉପରେ ଆପଣା ଭାର ପକାଅ, ତହିଁରେ ସେ ତୁମ୍ଭଙ୍କୁ ସମ୍ଭାଳିବେ ।" (ଗୀତ ୫୫:୨୨) । ଯେଉଁ ପିତା

ପରମେଶ୍ୱର ପତତ ଘରଚଟିଆ ବିଷୟରେ ଜ୍ଞାତ ଅଟନ୍ତି, ଆମ୍ଭମାନଙ୍କ ଦୁର୍ଦ୍ଦଶା କାଳରେ ସେ କି ଆମ୍ଭମାନଙ୍କୁ ସାହାଯ୍ୟ କରିବେ ନାହିଁ ? "ପରମେଶ୍ୱର ଆମ୍ଭମାନଙ୍କର ଆଶ୍ରୟ ଓ ବଳ, ଦୁର୍ଦ୍ଦଶା କାଳରେ ଅତି ନିକଟବର୍ତ୍ତୀ ସହାୟ । ଏଥିପାଇଁ ପୃଥିବୀ ପରିବର୍ତ୍ତିତ ହେଲେ ହେଁ ଓ ପର୍ବତଗଣ ସମୁଦ୍ର ମଧ୍ୟରେ ବିଚଳିତ ହେଲେ ହେଁ... ଆମ୍ଭେମାନେ ଭୟ କରିବା ନାହିଁ । (ଗୀତ ୪୬:୧-୩)

**ପ୍ରୟୋଜନୀୟ ବିଷୟ ପ୍ରାପ୍ତିର ଆଶ୍ୱାସନା :** ପ୍ରେରିତ ପାଉଲ ଲେଖନ୍ତି, "ପୁଣି, ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କ ଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ।" (ଫିଲିପ ୪:୧୯) । କେତେ ଭରସାଯୁକ୍ତ ପ୍ରତିଜ୍ଞା ! ପରମେଶ୍ୱରଙ୍କ ଉପସ୍ଥିତି, ତାହାଙ୍କ ନିର୍ଦ୍ଦେଶ, ସମସ୍ୟାରେ ସାହାଯ୍ୟ ବ୍ୟତୀତ, ଆମ୍ଭମାନଙ୍କ ଅନ୍ୟ ଆବଶ୍ୟକୀୟ ବିଷୟ ମଧ୍ୟ ସେ ଆମ୍ଭମାନଙ୍କୁ ପୂରଣ କରିବେ ବୋଲି ପ୍ରତିଜ୍ଞା କରିଅଛନ୍ତି ।

**ଭୌତିକ ଆବଶ୍ୟକତା :** ଯେଉଁମାନେ ତାହାଙ୍କ ରାଜ୍ୟ ଓ ନୀତି ପ୍ରଥମେ ଅନ୍ୱେଷଣ କରନ୍ତି, ସେମାନଙ୍କ ସମସ୍ତ ଆବଶ୍ୟକତା ପୂରଣ ହେବ ବୋଲି ଯୀଶୁଖ୍ରୀଷ୍ଟ ମାଥିଉ ୬:୩୩ ପଦରେ ପ୍ରତିଜ୍ଞା କରିଅଛନ୍ତି ।

**ପାପକ୍ଷମାର ଆଶ୍ୱସନା :** ଯେଉଁମାନେ ପରମେଶଶ୍ରଙ୍କ ବାକ୍ୟର ଆଜ୍ଞାବହ ଅଟନ୍ତି, ସେମାନେ ପ୍ରତ୍ୟେକ ପରିତ୍ରାଣ ପ୍ରାପ୍ତ ହେବେ ।

**ସ୍ନେହୀ ବନ୍ଧୁର ଆଶ୍ୱାସନା :** ଏହି ଜଗତର ବନ୍ଧୁ ମିତ୍ର ଆମ୍ଭମାନଙ୍କୁ ପରିତ୍ୟାଗ କଲେ ହେଁ, ସେ କେବେ ବି ଆମ୍ଭମାନଙ୍କୁ ପରିତ୍ୟାଗ କରିବେ ନାହିଁ । "......ମାତ୍ର ଜଣେ ପ୍ରେମକାରୀ ଅଛନ୍ତି, ଯେ ଭାଇ ଅପେକ୍ଷା ଅଧିକ ନିକଟ ଲାଗି ରୁହନ୍ତି ।" (ହିତ ୧୮:୨୪)

**ଉତ୍କୃଷ୍ଟତର ଭବିଷ୍ୟତ :** କେବଳ ପରମେଶ୍ୱରଙ୍କ ଦ୍ୱାରା ସାଧିତ ଅଟେ ।

**ଏହି ଆଶ୍ୱାସନା ଗୁଡ଼ିକ ଦ୍ୱାରା ଆମ୍ଭେମାନେ ଭୟକୁ ଜୟ କରୁ :** ବାଲ୍ୟଦଶାରୁ ସମାଧିପ୍ରାପ୍ତ ହେବା ପର୍ଯ୍ୟନ୍ତ, ଜୀବନର ପ୍ରତ୍ୟେକ ସୋପାନରେ ଭୟ ଠାରୁ ବିଜୟୀ ହେବା ଆବଶ୍ୟକ । ଆମ୍ଭେମାନେ ଦୁଇ ଭୟ ସହ ଜନ୍ମ ନେଉ: (୧) ପଡ଼ିଯିବାର ଭୟ (୨) ଭୟଙ୍କର ଶବ୍ଦର ଭୟ । ସମୟାନୁକ୍ରମେ ଅନ୍ୟାନ୍ୟ ଭୟ

ଆମ୍ଭମାନଙ୍କୁ ଗଢ଼େ, କେତୋଟି ଆମ୍ଭମାନଙ୍କୁ ଭାଙ୍ଗେ । ଅନେକ ଭୟ ମାଧ୍ୟମରେ ଯେ ଲଢ଼ି ଜୟୀ ହୁଏ ସେହି ହିଁ ସାହସୀ ଅଟେ । ସାହସୀ ସଂଗ୍ରାମୀ ଜୟ କରେ । ସର୍ବପ୍ରଥମେ ମନୁଷ୍ୟକୁ ଆପଣା ହୃଦୟକୁ ଜୟ କରି ବଶ କରିବା ଆବଶ୍ୟକ ।

**ଦୁର୍ବଳ ବିଶ୍ୱାସ ଭୟ ସୃଷ୍ଟି କରେ :** ଆମ୍ଭମାନଙ୍କ ମଧ୍ୟରେ ଏପରି କୌଣସି ଦୁର୍ବଳତା ନାହିଁ, ଯାହା ସବଳ ବିଶ୍ୱାସ ଦ୍ୱାରା ଜୟ କରାଯାଇ ନ ପାରେ । ଏହି ଅଧ୍ୟାୟରେ ବର୍ଣ୍ଣିତ ବିଷୟଗୁଡ଼ିକ ବିଶ୍ୱାସ ଶକ୍ତ କରେ ଓ ଚିନ୍ତାରୁ ମୁକ୍ତ କରେ । ପ୍ରଭୁ ଯୀଶୁ କହିଲେ, "....ଭୟ କର ନାହିଁ..." ଯୋହନ ୧୪:୨୭ରେ ଲେଖାଯାଏ, "ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରିଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି, ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁନାହିଁ । ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ କି ଭୟଗ୍ରସ୍ତ ନ ହେଉ ।" (ଯୋହନ ୧୪:୨୭) । ପ୍ରତ୍ୟେକ ବିନାଶମୟ ଭୟ, ଶାନ୍ତି ଓ ସମାଧାନ ଦ୍ୱାରା ଜୟ କରାଯାଇପାରେ ।

ପରମେଶ୍ୱରଙ୍କ ସନ୍ତାନ, ମୃତ୍ୟୁର ଭୟକୁ ଜୟ କରେ । ଦାଉଦ ସାହସ ସହ କହନ୍ତି, "ଏଣୁ ମୁଁ ମୃତ୍ୟୁଛାୟା ରୂପ ଉପତ୍ୟକା ଦେଇ ଗମନ କଲେ ହେଁ କୌଣସି ଆପଦକୁ ଭୟ କରିବି ନାହିଁ" (ଗୀତ ୨୩:୪) । ପ୍ରେରିତ ପାଉଲ କହିଲେ, "......ମୃତ୍ୟୁଭୋଗ ଲାଭଜନକ ।" (ଫିଲିପ ୧:୨୧) ଆସ ଆମ୍ଭେମାନେ ଆମ୍ଭମାନଙ୍କ ଆଶ୍ରୟ ଓ ଦୁର୍ଗ ସଦାପ୍ରଭୁଙ୍କ ସହ ନିର୍ଭୟରେ ବାସ କରୁ । ଏହି ଜୀବନର ଶେଷରେ ସେ ଆମ୍ଭମାନଙ୍କୁ ଆପଣା ସିଂହାସନରେ [illegible] ବେ ।

***- Lottie Beth Hobbs***


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**"ସତ୍ୟବାଣୀ"**

ରେଡ଼ିଓ କାର୍ଯ୍ୟକ୍ରମ **Radio Sri Lanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର**

**ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*

# ଖ୍ରୀଷ୍ଟ ସମସ୍ତଙ୍କ ନିମନ୍ତେ
## (Christ is for all)

''ଖ୍ରୀଷ୍ଟଧର୍ମ କେବଳ ଦରିଦ୍ରମାନଙ୍କ ନିମନ୍ତେ'' ବୋଲି ଅନେକଙ୍କ ମନୋଭାବ । ଧର୍ମଶାସ୍ତ୍ର ଅଧ୍ୟୟନ କଲେ ଏହି ଭ୍ରମ ଭାବ ଦୂର ହୁଏ । ଲେଖାଯାଏ, ''ସେ ଗାଲିଲୀ ସମୁଦ୍ର କୂଳ ଦେଇ ଯାଉଥିବା ସମୟରେ ଶିମୋନ ଓ ତାଙ୍କ ଭାଇ ଆନ୍ଦ୍ରିୟଙ୍କୁ ସମୁଦ୍ରରେ ଭଉଁରିଜାଲ ପକାଉଥିବା ଦେଖିଲେ, କାରଣ ସେମାନେ ମତ୍ସ୍ୟଜୀବୀ ଥିଲେ । ଯୀଶୁ ସେମାନଙ୍କୁ କହିଲେ, ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି । ସେଥିରେ ସେମାନେ ସେହିକ୍ଷଣି ଜାଲ ଛାଡ଼ି ତାହାଙ୍କର ଅନୁଗମନ କଲେ । ପୁଣି, ସେ ଅଳ୍ପ ଦୂର ଯାଇ ଜେବଦୀଙ୍କ ପୁତ୍ର ଯାକୁବ ଓ ତାଙ୍କ ଭାଇ ଯୋହନଙ୍କୁ ନୌକାରେ ଜାଲ ସଜାଡୁଥିବା ଦେଖିଲେ । ସେହିକ୍ଷଣି ସେ ସେମାନଙ୍କୁ ଡାକିଲେ, ପୁଣି ସେମାନେ ସେମାନଙ୍କର ପିତା ଜେବଦୀଙ୍କ ମୂଲିଆମାନଙ୍କ ସହିତ ନୌକାରେ ଛାଡ଼ି ତାହାଙ୍କର ଅନୁଗମନ କଲେ ।'' (ମାର୍କ ୧୬-୨୦)

''ଏଥି ଉତ୍ତାରେ ସେ ବାହାରିଯାଇ ଲେବୀ ନାମକ ଜଣେ କରଗ୍ରାହୀଙ୍କ କର ଆଦାୟ ସ୍ଥାନରେ ବସିଥିବା ଦେଖି ତାଙ୍କୁ କହିଲେ, ମୋହର ଅନୁଗମନ କର । ସେଥିରେ ସେ ସମସ୍ତ ପରିତ୍ୟାଗ କରି ଉଠି ତାହାଙ୍କର ଅନୁଗମନ କରିବାକୁ ଲାଗିଲେ । ପୁଣି, ଲେବୀ ନିଜ ଘରେ ତାହାଙ୍କ ନିମନ୍ତେ ଗୋଟିଏ ବଡ଼ ଭୋଜି କଲେ, ଆଉ ବହୁସଂଖ୍ୟକ କରଗ୍ରାହୀ ଓ ଅନ୍ୟାନ୍ୟ ଲୋକ ସେମାନଙ୍କ ସାଙ୍ଗରେ ଭୋଜନ କରିବାକୁ ବସିଲେ ।'' (ଲୁକ ୫:୨୭-୨୯) କର୍ଫନାହୂମରେ ଯୀଶୁଖ୍ରୀଷ୍ଟ ପିତରଙ୍କ ଗୃହକୁ ଯାଇ, ତାହାଙ୍କ ଶାଶୁଙ୍କ ଜ୍ୱର ସୁସ୍ଥ କରିଥିଲେ । (ଲୁକ ୪:୩୮)

''ପରେ ସେ ଯୀରୀହୋରେ ପ୍ରବେଶ କରି ତାହା ମଧ୍ୟଦେଇ ଯାଉଥିଲେ । ଆଉ ଦେଖ, ଜକ୍କିୟ ନାମରେ ଜଣେ ପ୍ରଧାନ କରଗ୍ରାହୀ ଓ ଧନୀ ଲୋକ । ସେଦିନ ଯୀଶୁ ତାହାଙ୍କ ଗୃହରେ ପ୍ରବେଶ କରି କହିଲେ, ''......ଆଜି ଏହି ଗୃହରେ ପରିତ୍ରାଣ ଉପସ୍ଥିତ ହୋଇଅଛି......।'' (ଲୁକ ୧୯:୯) ଯୀଶୁ ବେଥାନୀ ଶିମୋନ କୁଷ୍ଠୀ ଗୃହରେ ଥିବା ସମୟରେ ଏକ ସ୍ତ୍ରୀ ବହୁମୂଲ୍ୟ ଜଟାମାଂସୀ ସୁଗନ୍ଧ ତୈଳରେ ତାହାଙ୍କୁ ଅଭିଷେକ କରିଥିଲା । ''କେତେକ ଲୋକ ବିରକ୍ତ ହୋଇ ପରସ୍ପରକୁ କହିଲେ, ତୈଳ କାହିଁକି ଏପରି ନଷ୍ଟ ହେଲା ? ଏହି ତୈଳ ତ ଦେଢ଼ଶ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରୟ

କରାଯାଇ ଦରିଦ୍ରମାନଙ୍କୁ ଦିଆଯାଇ ପାରିଥାଆନ୍ତା, ତେଣୁ ସେମାନେ ସେହି ସ୍ତ୍ରୀ ଲୋକଙ୍କୁ ଭର୍ତ୍ସନା କରିବାକୁ ଲାଗିଲେ ।'' (ମାର୍କ ୧୪:୪,୫) ''ବେଳ ଗଡ଼ି ଆସନ୍ତେ, ଯୋସେଫ ନାମକ ହରାମଥିୟାର ଜଣେ ଧନୀ ଲୋକ ଆସିଲେ । ସେ ମଧ୍ୟ ଯୀଶୁଙ୍କର ଜଣେ ଶିଷ୍ୟ ହୋଇଥିଲେ । ସେ ପୀଲାତଙ୍କ ନିକଟକୁ ଯାଇ ଯୀଶୁଙ୍କ ଶରୀର ମାଗିଲେ । ସେଥିରେ ପୀଲାତ ତାହା ଦେବାକୁ ଆଜ୍ଞା କଲେ । ଯୋସେଫ ଶରୀରଟି ଘେନି ପରିଷ୍କୃତ ସୂକ୍ଷ୍ମ ବସ୍ତ୍ରରେ ଗୁଡ଼ାଇ, ଆପଣାର ଯେଉଁ ନୂତନ ସମାଧି ପାହାଡ଼ରେ ଖୋଳିଥିଲେ, ସେଥି ମଧ୍ୟରେ ତାହା ଥୋଇଲେ, ଆଉ ସମାଧି ଦ୍ୱାରରେ ଖଣ୍ଡିଏ ବଡ଼ ପଥର ଗଡ଼ାଇ ଦେଇ ଚାଲିଗଲେ ।'' (ମାଥିଉ ୨୭:୫୭-୬୦) । ''ପୁଣି, ଯୋସେଫ, ଯେ ଲେବୀ ବଂଶଜାତ ଜଣେ କୁପ୍ରୀୟ ଜାତିର ଲୋକ, ଯାହାଙ୍କୁ ପ୍ରେରିତମାନେ ବର୍ଣ୍ଣବ୍‌ବା ବୋଲି ଉପନାମ ଦେଇଥିଲେ, (ଅନୁବାଦ କଲେ ଏହାର ଅର୍ଥ ସାନ୍ତ୍ୱନାର ପୁତ୍ର), ତାଙ୍କର ଖଣ୍ଡେ କ୍ଷେତ୍ର ଥିଲା, ସେ ତାହା ବିକ୍ରୟ କରି ସେଥିର ଟଙ୍କା ଆଣି ପ୍ରେରିତମାନଙ୍କର ପାଦ ତଳେ ଥୋଇଲେ ।'' (ପ୍ରେରିତ ୪:୩୬, ୩୭) । ''.....ଆଉ ଦେଖ, କୂଶଦେଶୀୟ ମାନଙ୍କ କାଣ୍ଡାକୀ ନାମ୍ନୀ ରାଣୀଙ୍କର ଅଧୀନସ୍ଥ ଜଣେ ଉଚ୍ଚପଦପ୍ରାପ୍ତ କୂଶୀୟ ନପୁଂସକ, ଯେ ତାଙ୍କ ସମସ୍ତ ଧନଭଣ୍ଡାରର ବେବର୍ତ୍ତା ଥିଲେ.....'' (ପ୍ରେରିତ ୮,୨୭) । କାଇସରୀଆ ନଗରର କର୍ଣ୍ଣଲୀୟ ନାମକ ଶତ ସେନାପତି ଯୀଶୁଙ୍କର ନାମରେ ବାପ୍ତିଜିତ ହୋଇ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ କରାଯାଇଥିଲେ । (ପ୍ରେରିତ ୧୬:୧୪,୧୫) । ସେହି ନଗରର କାରାଗାରର ରକ୍ଷକ ବାପ୍ତିଜି ହୋଇ ସପରିବାରେ ବାପ୍ତିସ୍ମ ନେଇଥିଲେ । (ପ୍ରେରିତ ୧୬:୧୪-୩ୀ

ଉପରଲିଖିତ ଉଦାହରଣରୁ ସମାଜର ଧନୀ ଓ ଉଚ୍ଚପଦସ୍ଥ ଲୋକେ ସୁଦ୍ଧା ଯୀଶୁଙ୍କ ଶିଷ୍ୟ ହୋଇଥିଲେ ବୋଲି ଜାଣିପାରୁ । କେତେଜଣ ମତ୍ସ୍ୟଜୀବୀମାନଙ୍କ ଆପଣା ଆପଣାର ମାଛଜାଲ ଥାଏ ? କେତେଜଣ ମତ୍ସ୍ୟଜୀବୀମାନଙ୍କର ଦାସ ଥାନ୍ତି ? କେତେଜଣଙ୍କର ବିଭିନ୍ନ ନଗରରେ ସ୍ୱଗୃହ ଥାଏ ? କେତେଜଣ ବଡ଼ ଭୋଜି ଦେବାରେ ସକ୍ଷମ ? ଯେଉଁମାନେ କର ଆଦାୟକାରୀ ବିଭାଗରେ କାର୍ଯ୍ୟ କରନ୍ତି, ସେମାନେ କି ଦୀନବସ୍ଥାରେ ଜୀବନଯାପନ କରନ୍ତି ? କେତେଜଣ ସ୍ତ୍ରୀ ବହୁମୂଲ୍ୟ ସୁଗନ୍ଧ ତୈଳ ବ୍ୟବହାର କରନ୍ତି ? ବାଇଗଣି ବସ୍ତ୍ର ବିକ୍ରୟ କାରିଣୀମାନେ କି ଦରିଦ୍ର ହୋଇପାରନ୍ତି ? କାରାଗାର ରକ୍ଷକ କେବଳ ଶତ ସେନାପତି ମାନେ କି ଦୀନହୀନ ଅଟନ୍ତି ? ଖ୍ରୀଷ୍ଟଧର୍ମ ଦରିଦ୍ରମାନଙ୍କ ନିମନ୍ତେ ନୁହେଁ ବୋଲି ଉପରୋକ୍ତ ଉଦାହରଣରୁ ବୁଝିପାରୁ ।

ଯୀଶୁଖ୍ରୀଷ୍ଟ କେବଳ ଦରିଦ୍ରମାନଙ୍କ ନିମନ୍ତେ ନୁହଁନ୍ତି । ସେ ବିନାଶ ପ୍ରାପ୍ତ ହେଉଥିବା ପାପୀମାନଙ୍କ ପରିତ୍ରାଣ ନିମନ୍ତେ ଏହି ଜଗତରେ ଅବତରଣ କରିଥିଲେ । "ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି ।" (ରୋମୀୟ ୩:୨୩)

ଧନୀ ହେଉ କି ଦରିଦ୍ର ହେଉ ପ୍ରତ୍ୟେକଙ୍କ ଆତ୍ମାର ପରିତ୍ରାଣ ଯୀଶୁଖ୍ରୀଷ୍ଟଙ୍କ ଠାରେ ମିଳେ । "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬) । ଏହି ଜଗତ ଧନୀ ଓ ଦରିଦ୍ରମାନଙ୍କ ଦ୍ୱାରା ଗଠିତ । ଏହି ପୁସ୍ତକ ପଢ଼ିବା ପ୍ରତ୍ୟେକଙ୍କୁ ଖ୍ରୀଷ୍ଟଧର୍ମ ସମସ୍ତଙ୍କ ନିମନ୍ତେ ବୋଲି ବୁଝିବା ନିମନ୍ତେ ମୁଁ ଅନୁରୋଧ କରେ । ମନୁଷ୍ୟର ପାପ କେବଳ ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ଧୌତ ହୋଇପାରେ । ଧନୀ ବା ଦରିଦ୍ର ପ୍ରତ୍ୟେକ ଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଅନ୍ତି ।

*- K.S. Swamidass*

❋❋❋

# ଅନ୍ୟମାନଙ୍କ ଠାରୁ ଅଧିକ କଅଣ କରୁଅଛୁ ?

## (What do ye more than others ?)

ମାଥିଉ ୫:୪୭ ପଦରେ ଯୀଶୁଖ୍ରୀଷ୍ଟ ଏକ ହୃଦୟସ୍ପର୍ଶୀ ପ୍ରଶ୍ନ କରନ୍ତି, "ଆଉ, ତୁମ୍ଭେମାନେ ଯଦି କେବଳ ନିଜ ନିଜ ଭାଇମାନଙ୍କୁ ନମସ୍କାର କର, ତେବେ ଅଧିକ କଅଣ କର ? ବିଜାତୀୟମାନେ ସୁଦ୍ଧା କଅଣ କରନ୍ତି ନାହିଁ ?" ଅର୍ଥାତ୍ ଖ୍ରୀଷ୍ଟିୟାନମାନେ କେବଳ ଅନ୍ୟମାନଙ୍କ ସଦୃଶ୍ୟ ଧାର୍ମି ଜୀବନ କଲେ ଯଥେଷ୍ଟ ନୁହେଁ, ପ୍ରିୟ ପାଠକ, ଆପଣମାନେ ଅନ୍ୟମାନଙ୍କ ଠାରୁ ଅଧିକ କଅଣ କରୁଅଛନ୍ତି ?

ସର୍ବପ୍ରଥମେ, ଅନ୍ୟମାନଙ୍କ ଠାରୁ ଅଧିକ ଭାବେ କି ଆପଣ ପ୍ରେମ କରୁଅଛି ? ଅନ୍ୟମାନଙ୍କ ଠାରୁ ଅଧିକ ଭାବେ କି ପରମେଶ୍ୱରଙ୍କୁ ଆପଣା ହୃଦୟରେ ସ୍ଥାନ ଦେଇଅଛ ? "....ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର ।" (ମାଥିଉ ୨୨:୩୭) ବୋଲି ପ୍ରଭୁ ଯେଉଁ ଆଜ୍ଞା ଦେଇଅଛନ୍ତି, ତାହା କି ତୁମେ ପାଳନ କରୁଅଛ ? "ତୁମ୍ଭେମାନେ

ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତାର ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ବୋଲି ଯୀଶୁଖ୍ରୀଷ୍ଟ ମାଥିଉ ୬:୩୩ ଆଜ୍ଞା ଦେବା ପ୍ରମାଣେ, ଆପଣ କି ଅନ୍ୟମାନଙ୍କ ଠାରୁ ଅଧିକ ଭାବେ ପରମେଶ୍ୱରଙ୍କ ବାକ୍ୟକୁ ପ୍ରେମ କରୁଅଛ ? ଈଶ୍ରାଏଲର ମହାରାଜ ଦାଉଦ କହନ୍ତି, ''ଆହୁରି, ମୁଁ ତୁମ୍ଭର ଯେଉଁ ଆଜ୍ଞା ସମୂହ ଓ ସ୍ନେହ କରିଅଛି, ତହିଁ ନିକଟରେ କୃତାଞ୍ଜଳି ହେବି ।'' (ଗୀତ ୧୧୯:୪୮) ଅନ୍ୟମାନେ ପ୍ରେମ କରିବାର ଅଧିକ ଭାବେ, ଆପଣ କି ଆପଣା ପ୍ରତିବାସୀକୁ ପ୍ରେମ କରୁଅଛନ୍ତି ? ଯୀଶୁଖ୍ରୀଷ୍ଟ କହିଲେ,''....ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର ।'' (ମାଥିଉ ୨୨:୩୯)

ଦ୍ୱିତୀୟରେ, ଅନ୍ୟମାନଙ୍କ ଠାରୁ ଅଧିକ ଭାବେ ଖ୍ରୀଷ୍ଟଙ୍କ ନିମନ୍ତେ କି ପରିଶ୍ରମ କରୁଅଛ ? ପ୍ରେରିତ ପାଉଲ ଲେଖନ୍ତି, ''ଅତଏବ ହେ ମୋହର ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହୁଅ ।'' (୧ମ କରିନ୍ଥୀ ୧୫:୫୮) । ସେ ତିତସକୁ କହନ୍ତି,''.......ପୁଣି ସମସ୍ତ ପ୍ରକାର ସତ୍‌କର୍ମ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ....ସ୍ମରଣ କରାଅ ।'' (ତିତସ ୩:୧-୨) ଅନ୍ୟମାନଙ୍କ ଠାରୁ ଅଧିକ ଭାବେ, ଆମ୍ଭେମାନେ କି ସତ୍‌କର୍ମ କରୁଅଛୁ ?

ତୃତୀୟରେ, ଅନ୍ୟମାନଙ୍କ ଠାରୁ ଅଧିକ ଭାବେ ଆମ୍ଭେମାନେ କି ଖ୍ରୀଷ୍ଟଙ୍କ ନିମନ୍ତେ ଶ୍ରମ ଅନୁଭବ କରୁଅଛୁ ? ''......କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ ।'' (ଲୂକ ୯:୨୩) । ଖ୍ରୀଷ୍ଟଙ୍କ ଅନୁଗାମୀ ହେବାକୁ ଇଚ୍ଛୁକ ପ୍ରତ୍ୟେକଙ୍କୁ, ଆପଣା ଆପଣାକୁ ଅସ୍ୱୀକାର କରିବା ଆବଶ୍ୟକ । ଆଦିମ ଖ୍ରୀଷ୍ଟିୟାନମାନଙ୍କ ଖ୍ରୀଷ୍ଟଙ୍କ ନିମନ୍ତେ ଅନେକ ଶ୍ରମ ଅନୁଭବ କରିବାକୁ ପଡ଼ିଥିଲା । ସେମାନଙ୍କ ବିଷୟରେ ବାକ୍ୟରେ କୁହାଯାଏ, ''ସେଥିରେ ସେମାନେ ଯେ ସେହି ନାମ ସକାଶେ ଅପମାନ ଭୋଗିବାକୁ ଯୋଗ୍ୟ ବୋଲି ଗଣିତ ହୋଇଥିଲେ, ସେଥି ନିମନ୍ତେ ସେମାନେ ଆନନ୍ଦ କରୁ କରୁ ମହାସଭାରୁ ବାହାରିଗଲେ ।'' (ପ୍ରେରିତ ୫:୪୧) ପ୍ରଭୁ ଯୀଶୁଙ୍କ ନିମନ୍ତେ କଷ୍ଟ ସହ୍ୟ କରିବାର ସମୟେ ଆମ୍ଭେମାନେ କି ଆନନ୍ଦିତ ହେବା କିଅବା ଅଭିଯୋଗ କରିବା ? ଅନ୍ୟମାନଙ୍କ ଠାରୁ ଆମ୍ଭେମାନେ କଅଣ ଅଧିକ କରୁଅଛୁ ?

*- John Stacy*

**Edited & Published by : Kabita & Joshua Gootam**

# THE FEAR OF GOD

2 Gor.7:1; Eph. 5:21:Heb.10:31

INTRDUCTION:

1. In many ways man is breave.
2. On the other hand, he fears many things-the enemy, war,diseases,death,etc.
3. But above all, man needs to have the fear of the Lord in him.

DISCUSSION:

I. Definition of Fear.

Afraid, Dread, Horor, Obey, Quake, Respect, Reverence, Tremble, Trembling,and worship.

2 Man should not fear God in the sense that a law breaker would fear the police

3 He should fear God as a child fears his parents.

4 He should love , respect, obey,and reverence God.

II Some who Feared God.

1 Noah moved by fear.(Heb.11:7).
2 Moses feared and quaked.(Heb.12:21).
3 Fear came upon the people that heard the first sermon.(Acts.2:43).
4. Great fear came upon all the church. (Acts.5:11).
5. Cornelius feared God.(Acts.10:22).
6. Every nation that feareth God is accepted with him. (Actss.10:35;Ps.33:8).

III. That which Produces Fear.

1 A knowledge of God.(Isaiah.11:2).
2. God's creation and work.(Eccl.3:14).
3. Knowing how God has dealt with the wicked.(Rom.11.22).
4. Knowing of man's dependence on God.
5. Knowing of how the Lord will deal with the evil in the future.
6. Knowing that the future is uncertain.
7. Knowing that death will come.
8. Knowing the Christ will return.
9. Knowing that there will be a judgment.
10. Knowing that we must spend eternity somewhere.

IV. What fear will Lead one to do.

1. Fear is the beginning of knowledge.(Prov.1:7).

2. Fear the Lord and depart from evil.(Prov.3:7).
3. Fear of the Lord is to hate evil.(Prhv.8:13).
4. The fear of the Lord prolongeth days.(Prov.10:27).
5. Fear God and keep his commandments.(Eccl.12:13).
6. Work out your own salvation with fear and trembl-ing.(Phil.2:12)
7. Serve God with reverence and Godly fear.(Heb.12:28).
8. Love the brotherhood-fear God.(1Pet.2:17)
9. Fear God and give him glory.(Rev.14:7)

V. Rewards of those who fear him.

1. Blessd is the man that fears God.(Ps.112:1).
2. The Lord taketh pleasure of those who fear him.(Ps.147:11).
3. Eternal Salvation,

Conclusion:

1. Many defy God now.
2. But one day every knee shall bow and every tongue shall confess to God.(Rom.14:11).

*J. C. Choate*

**Printed Book Only**

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)